# Akashvani, Sambalpur

## SAMBALPURI NEWS BULLETIN

### 30 September 2025 – 6.47- 6.52 am.

**********************************************

ଦୁର୍ଗାପୂଜା ଆର୍‌ଏନ୍‌ୟୁ / ସମ୍ବଲପୁର

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ଶକ୍ତିପୀଠ ମାନ୍‌କେ ଆଏଜ୍ ନଅମୀ ପୂଜା ଚାଲିଥିବାର ବେଲେ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଅଷ୍ଟମୀ ପୂଜା କରାଯାଉଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନେ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଳାଥି ଝଲ୍‌ସୁଛେ ।

ଭାଇ ଜିଉଁତିଆ ସୁବର୍ଣ୍ଣପୁର୍/ ନୂଆପଡ଼ା/ ବଲାଙ୍ଗିର୍

ପଶ୍ଚିମ ଓଡ଼ିଶାର୍ ଭାଇ ଜିଉଁତିଆ ତିହାର୍‌ଥି ଆଏଜ୍ ସଖାଲୁ ଉପାସୀ ନାନୀ, ବହେନ୍‌ମାନେ ଦଦା ଭାଏ ମାନ୍‌କୁ ଦୁବ୍ ଚଢ଼େଇକରି ବନ୍ଦଉଛନ୍ । ଭାଇ ମାନ୍‌କର୍ ଲମ୍ବା ଜୀବନ୍ ଆର୍ ମଙ୍ଗଲ୍ କାମ୍‌ନା କରିକରି ନାନୀ, ବହେନ୍ ମାନେ ଗଲାକାଏଲ୍ ଦିନ୍‌ସାରା ନିର୍ଜଳା ଉପାସ୍ ରହିଥିଲେ । ସଞ୍ଜ୍‌ବେଲେ ନଦୀ ଆର୍ ବନ୍ଧ୍‌ଘାଟ୍ ମାନ୍‌କୁ ଉପାସୀ ମାନେ

ବାଲିର୍ ବେଦୀ କରିକରି ପୂଜା କରିଥିଲେ । ତାର୍ ଉତ୍ରୁ ସେମାନେ ଗାଁ ଇଲାକାର୍ ପୂଜା କୁଠି  ଆର୍ ସହର୍ ଇଲାକାର୍ ପୂଜା ମଣ୍ଡପ୍ମାନ୍‌କେ ଫଲ୍‌ଫୁଲ୍, ଦୂବ୍ ଜିଉଁତିଆ ଚଢ଼େଇକରି ଦେବୀଙ୍କର୍ ଅର୍ଚ୍ଚନା କରିଥିଲେ । ଏଛେନ୍ ଭିଲ୍ କେତେ ଗାଁ ନ ଡାଲ୍‌ଖାଇ କୁଠିନ ଉପାସୀମାନେ ପୂଜା କର୍‌ବାର୍ ପରମ୍ପରା ଚଲୁଛେ ।

ଛତର୍ ଯାତ୍ରା          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡିର୍ ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ଆଏଜ୍ ପହପହନୁ ଚାଲିଛେ । ଗଲାକାଏଲ୍ ମହାଷ୍ଟମୀ ତିଥିଥି ଅଧିରାତି ମନ୍ଦିର୍ ନ ଖାସ୍ ପୂଜାପାଠ୍ ଆର୍ ଅଷ୍ଟବଲୀ ଉତ୍ରୁ ଦେବୀଙ୍କର୍ ବିଜୟ ପ୍ରତିମା ଛତର୍‌କେ ସହର୍ ପାଖେ ଉତର୍ ପଶ୍ଚିମ ଦିଗେ ଥିବା ମନ୍ଦିର୍‌ଠାନୁ ପାଖାପାଖି ୩ କିଲୋମିଟର୍ ଦୂରିଆ ଜେନାଖାଲ୍‌କେ ନିଆଯାଇଥିଲା । ସେନ ଗୁପ୍ତ ପୂଜା ଉତ୍ରୁ ଆଏଜ୍ ସଖାଲର୍ ୫ ବାଜିକରି ୧୫ ମିନିଟ୍ ନ ଦେବୀଙ୍କର୍ ଛତର୍‌ର ପ୍ରତ୍ୟାବର୍ତନ୍ ଯାତ୍ରା ମୁଲ୍ ହେଇଛେ । ବୀରବାଦ୍ୟ ଘୁମ୍‌ରା ଆର୍ ନିଶାନ୍ ସାଙ୍ଗେ ସେବାୟତ୍‌ମାନେ ମାଙ୍କର୍ ଛତର୍‌କେ ନେଇକରି ମନ୍ଦିର୍ ଆଡ୍‌କେ ବଢୁଛନ୍ । ଆଏଜ୍ ଦିନ୍‌ବେଲେ ଦେବୀଙ୍କର୍ ଛତର୍ ମନ୍ଦିର୍ ପାଖେ ପୁହୁଁଚିଲା ଉତ୍ରୁ ରାଜାଙ୍କର୍ ପ୍ରତିନିଧି ଆର୍

ପୂଜକମାନେ ଦେବୀଙ୍କର୍ ଛତର୍‌କେ ମନ୍ଦିର୍ ଭିତର୍‌କେ ବିଜେ କରାବେ । ମା'ଙ୍କର୍ ଛତର୍‌ର ଦର୍ଶନ୍ ଲାଗି ଖୋବ୍ ସଂଖ୍ୟା ନ ଭକ୍ତଙ୍କର୍ ଭିଡ୍ ହେଇଛେ ।

ଅଗ୍ନି ଅଭିଯାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆରକ୍ଷୀ ମହା ନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆଙ୍କର୍ ନିର୍ଦ୍ଦେଶ୍‌ଥି ଗଲା ୧୪ ନୁ ୨୭ ତାରିଖ୍‌ତକ୍ ଓଡ଼ିଶା ପୁଲିସ୍ ତର୍‌ଫୁ ସାରା ରାଏଜେ ଅଗ୍ନି ଅଭିଯାନ୍ ମୁଲ୍ କରାଯାଇଥିଲା । ଆସୁଥିବା ତିହାର୍‌କେ ନଜର୍‌ଥି ରଖିକରି ବେଆଇନ୍ ବିସ୍ଫୋରକ ଭଣ୍ଡାର୍, ବିନା ଅନୁମତିଥି ପରିବହନ୍ ଆଉ ବେଆଇନ୍ ଫଟ୍‌କା ବିକ୍ରିକେ ରୁକ୍‌ବାର୍ ଲାଗି ଇ ଅଭିଯାନ୍ ମୁଲ୍ କରାଯାଇଛେ । ସାରାରାଏଜେ ମୋଟ୍ ଶହେ ୮୪ ଟା ମାମ୍‌ଲା ରୁଜୁ ହେଇଥିବାର୍ ବେଳେ ଶହେ ୩୩ ଝନ୍‌କୁ ଗିରଫ୍ କରାଯାଇଛେ । ଇତାର୍‌ସହେତେ ୮ କୋଟିନୁ ଅଏତ୍‌କା ଟଙ୍କାର୍ ବିସ୍ଫୋରକ ଦରବ୍ ଭିଲ୍ ଜବର୍ କରାଯାଇଛେ ।

ଚିନିକଲ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବନ୍ଦ୍ ପଡ଼ିଥିବା ବଲାଙ୍ଗିର୍‌ର ବିଜୟାନନ୍ଦ ସମବାୟ ଚିନିକଲ୍ ଆଉ କଟକ୍‌ର ବଡ଼ମ୍ବା ନ ଥିବା ସମବାୟ ଚିନିକଲ୍‌ର ପୁନରୁଦ୍ଧାର୍ କରାଯିବା । ଇଣ୍ଡିଆ ପଟାସ୍ ଲିମିଟେଡ୍ ଇ ଦୁହି ଚିନିକଲ୍ ମାନ୍‌କର୍ ପୁନରୁଦ୍ଧାର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦେଇଛେ । ସେଥିର୍‌ଲାଗି ରାଜ୍ୟ ସମବାୟ ବିଭାଗ୍ ତର୍‌ଫୁ ଗୁଟେ ୭ ଝନିଆ ଦଲ୍ ଗଠନ୍ କରାଯାଇଛେ । ସେନ୍ତା ଚିନି କଲ୍ ନ କୁସେର୍ ପେଡ଼ା ସର୍‌ବାର୍ ଉତ୍‌ରୁ ତାର୍ ଛେଦା ମାନ୍‌କୁ ନେଇକରି ଇଥାନଲ୍ ପ୍ରସ୍ତୁତ୍ କରାଯିବା । ଇ ବାବ୍‌ଦେ ଭିଲ୍ ସର୍‌କାରୀ ସ୍ତର୍‌ଥି ଆଲୋଚନା ଚାଲିଥିବାର୍ ସୂଚ୍‌ନା ମିଲିଛେ ।

ଅବକାରୀ ଚଢ଼ଉ-ଅପରେସନ୍ ପ୍ରହାର I&PR

ଅବକାରୀ ବିଭାଗ୍ ତର୍‌ଫୁ ଅପରେସନ୍ ପ୍ରହାର୍ ଜରିଏ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଢ଼ଉ କରାଯାଇକରି ୧ କୋଟି ୩୨ ଲାଖ୍ ଟଙ୍କାର୍ ନିଶା ଦରବ୍ ଜବତ୍ କରାଯାଇଛେ । ଇ ସମିଆଥି ଅବକାରୀ ଦଲ୍ ୨ ଶହ ୪୯ଟା ବେଆଇନ୍ ନିଶା କାର୍‌ବାର ମାମଲା ରୁଜୁ କରିଥିଲା ବେଲ୍‌କେ ଇଥି ସାମିଲ୍ ଥିବା ୪୧ ଝନ୍‌ଙ୍କୁ ଗିରଫ କରିଛନ୍ ।

ସେବା ପର୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସେବା ଆଉ ସୁଶାସନ୍ ମନ୍ତ୍ରଥି ପ୍ରେରିତ ହେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ଦେଶେ ପରିବର୍ତନ୍ ଆନ୍‌ବାର୍ ଲାଗି ଅହରହ ଚେରେଷ୍ଟା ଜାରି ରଖିଛନ୍ । ସେବା ପର୍ବର୍ ଆଝିର୍ କଡ଼ିଥି ଜାନ୍‌ମା କେନ୍ଦ୍ର ସର୍‌କାର୍ ଶିକ୍ଷା କ୍ଷେତ୍ରଥି ଆନିଥିବା ସଂସ୍କାର୍ ବାବ୍‌ଦେ । ଦେଶର୍ ୟୁଆନ୍ ବର୍ଗଙ୍କୁ ସଶକ୍ତ କରିକରି ଭାରତ୍‌କେ ଗୁଟେ ଜ୍ଞାନ୍ ଆଧାରିତ୍ ମହାଶକ୍ତି କର୍‌ବାର୍ ଲାଗି ସର୍‌କାର୍ ଚେରେଷ୍ଟା ଜାରି ରଖିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ଉନ୍ନତ ଶିକ୍ଷା କୌଶଲ୍ ବିକାଶ୍ ଆଉ ରୋଜ୍‌ଗାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ଇ ସମିଆ ଭିତ୍‌ରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ୍ ମାନ୍‌କର୍ ସଂଖ୍ୟା ୫୧ ନୁ ୭୦ ହଜାର୍‌କେ ବଢ଼ିଛେ । ଏମ୍ସ ଅନୁଷ୍ଠାନ୍ ମାନ୍‌କର୍ ସଂଖ୍ୟା ୭ ନୁ ୨୩ ଆଉ ମେଡ଼ିକାଲ୍ କଲେଜ୍ ମାନ୍‌କର୍ ସଂଖ୍ୟା ୩ ଶହ ୮୭ ନୁ ୨ ହଜାର୍‌କେ ବଢ଼ିଛେ । ଜାତୀୟ ଶିକ୍ଷାନୀତି ୨୦୨୦ ବାଗିର୍ ଯୋଜ୍‌ନା ଶିକ୍ଷା ବ୍ୟବସ୍ଥାକେ ଆହୁରି ବର୍‌କସ୍ କରିଛେ ।

ଆନ୍ତର୍ଜାତିକ ଅନୁବାଦ୍ ଦିବସ          ଆର୍‌ଏନ୍‌ୟୁ ସମ୍ୱଲପୁର୍

ଆଏଜ୍ ଆନ୍ତର୍ଜାତିକ ଅନୁବାଦ୍ ଦିବସ୍ । ଅନୁବାଦକ ଆଉ ଭାଷାବିତ୍ ମାନ୍‌କର୍ ଅମୂଲ୍ୟ ଯୋଗଦାନ୍ ଲାଗି ଫି ବଛର୍ ସେପ୍ଟେମ୍ବର୍ ୩୦

ତାରିଖ୍‌କେ ଅନୁବାଦ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଅନୁବାଦକ୍ ମାନେ ଆନ୍ତଃସାଂସ୍କୃତିକ ବାର୍ତାକେ ସୁବିଧାଜନକ୍ କର୍‌ବାର୍ ଆଉ ବୈଶ୍ୱିକ ବିକାଶ୍‌ଥି ଯୋଗଦାନ୍ ଦେବାର୍‌ଥି ବିଶ୍ୱ ଶାନ୍ତିକେ ତହଁକାବାର୍ ଲାଗି ମହତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ ।

ପାରା ଏଥ୍‌ଲେଟିକ୍ସ ବିଶ୍ୱ ଚମ୍ପିଆନ୍‌ସିପ    ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଠାନେ ଚାଲିଥିବା ବିଶ୍ୱ ପାରା ଏଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍‌ଥି ଭାରତ୍‌କେ ଗଲାକାଏଲ୍ ୨ ଟା ପଦକ୍ ମିଲିଛେ । ପୁରୁଷ ଜାଭ୍‌ଲିନ୍ ଥ୍ରୋ ବର୍ଗଥି ରିଙ୍କୁ ହୁଡ଼ା ଚାମ୍ପିଅନ୍‌ସିପ୍ ରେକର୍ଡ଼ ସହେତେ ସ୍ୱର୍ଣ୍ଣପଦକ୍ ଆଉ ସୁନ୍ଦର୍ ସିଂ ଗୁର୍‌ଜାର୍‌ଙ୍କୁ ରୌପ୍ୟ ପଦକ୍ ମିଲିଛେ । ଇତାର୍‌ସହେତେ ଭାରତ୍‌ର ପଦକ୍ ସଂଖ୍ୟା ୫କେ ପୁହୁଁଚିଛେ ।

ପାଣିପାଗ    ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର ପର୍ଶ୍ଚିମ ଆଉ ତାକେ ଲାଗି କରିଥିବା କେନ୍ଦ୍ରୀୟ ବଙ୍ଗୋପସାଗର ନ ହେଇଥିବା ଲଘୁଚାପ ଲାଗି ଉତର୍ ଆଉ ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜାଗାନ ସାମାଏନ୍‌ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ୨୧ଟା

ଜିଲ୍ଲାକେ ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ଼େ ଆଏଜ୍ ଉତର୍ ଆଣ୍ଡାମାନ୍ ସାଗର୍ ନ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ତାର୍ ପ୍ରଭାବ୍ଥି ଆଏବା କାଏଲ୍ତକ୍ ଉତର୍ ଆଉ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍ବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।